# NATIONAL NEWS BULLETIN (ODIA)
## 16 June - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦକାର୍ଯ୍ୟକଳାପକୁ ନିନ୍ଦା କରିବା ସହିତ ଏହାର ମୁକାବିଲା ଦିଗରେ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ଭାରତ ଓ ସାଇପ୍ରସ ।

– ସାଇପ୍ରସର ସଫଳ ଗସ୍ତ ଶେଷ କରି ଜି-ସେଭେନ୍ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀଙ୍କ କାନାଡ଼ା ଗସ୍ତ ।

- ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେବା ଦିଗରେ ଭାରତ ଅଗ୍ରସର ହେଉଛି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଦେଶରେ ପରବର୍ତ୍ତୀ ଜନଗଣନା ପାଇଁ ଆଜି ପ୍ରକାଶ ପାଇଲା ବିଜ୍ଞପ୍ତି ।
- ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ ଲାଗି କେନ୍ଦ୍ର ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ।

ଏବଂ

- ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ସେପ୍ଟେମ୍ବର ୩୦ରୁ ଆରମ୍ଭ ।

# ସାଇପ୍ରସ-ପିଏମ୍ ଟକ୍ସ

ଆତଙ୍କବାଦ ଏବଂ ଉଗ୍ରବାଦ କାର୍ଯ୍ୟକଳାପକୁ ଭାରତ ଓ ସାଇପ୍ରସ୍ ନିନ୍ଦା କରିବା ସହ ଏହାର ମୁକାବିଲା କରିବା ଦିଗରେ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସାଇପ୍ରସ ଗସ୍ତ ଅବସରରେ ଆଜି ଉଭୟ ଦେଶ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ଜାରି କରାଯାଇଥିବା ମିଳିତ ଘୋଷଣାନାମାରେ ଏହି ପ୍ରସଙ୍ଗ ସ୍ଥାନ ପାଇଛି । ବିଶ୍ୱରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହ ପରସ୍ପରର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ସମ୍ମାନ ଦେବା ଲାଗି ଉଭୟ ଦେଶ ବିଶ୍ୱ ସମୁହକୁ ଆହ୍ୱାନ ଦେଇଛନ୍ତି । ସେହିଭଳି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ବିନାଶ କରିବା, ଏଥିଲାଗି ପାଣ୍ଠି ଯୋଗାଣ ବନ୍ଦ କରିବା ସହିତ ସେମାନଙ୍କୁ ଆଶ୍ରୟ ନ ଦେବା ଏବଂ ଦୋଷୀକୁ ଦଣ୍ଡଦେବା ଦିଗରେ ସହାୟତା କରିବା ଲାଗି ଏହି ଘୋଷଣାପତ୍ରରେ ଉଲ୍ଲେଖ କରାଯାଇଛି ।

ଅନ୍ୟ ପକ୍ଷରେ ଆଜି ନିକୋସିଆ ସ୍ଥିତ ସାଇପ୍ରସର ପ୍ରେସିଡେଣ୍ଟସିଆଲ୍ ପ୍ୟାଲେସ୍ ଠାରେ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡସ୍ଙ୍କ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ସାଇପ୍ରସର ବିଜନ୍ ୨୦୩୫ ଏବଂ ଭାରତର ବିକଶିତ ଭାରତ ୨୦୪୭ ମଧ୍ୟରେ ଅନେକ ସମାନତା ରହିଛି ।

ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ଆଗାମୀ ୫ ବର୍ଷ ମଧ୍ୟରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯିବ । ଏହି ଅବସରରେ ପଶ୍ଚିମ ଏସିଆ ଏବଂ ୟୁରୋପରେ ଚାଲିଥିବା ଦ୍ୱନ୍ଦ୍ୱକୁ ନେଇ ଉଭୟ ନେତା ଉଦ୍‌ବେଗ ପ୍ରକାଶ କରିବା ସହିତ ଏହା ଯୁଦ୍ଧର ଯୁଗ ନୁହେଁ ବରଂ ଆଲୋଚନା ମାଧ୍ୟମରେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ନିମନ୍ତେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡ଼ରର ଗୁରୁତ୍ୱ ଉପରେ ଉଭୟ ନେତା ଆଲୋକପାତ କରିଛନ୍ତି ।

ସେହିଭଳି ସୀମାପାର୍ ଆତଙ୍କବାଦ ବିପକ୍ଷରେ ଭାରତର ଲଢ଼େଇକୁ ସାଇପ୍ରସ ସମର୍ଥନ କରିଥିବାରୁ ଶ୍ରୀ ମୋଦୀ ଧନ୍ୟବାଦ ଜଣାଇବା ସହିତ ଆତଙ୍କବାଦ, ନିଶାଦ୍ରବ୍ୟ କାରବାର ଏବଂ ଅସ୍ତ୍ର ଚୋରା ଚାଲାଣକୁ ରୋକିବା ଦିଗରେ ରିୟଲ୍ ଟାଇମ୍ ସୂଚନା ଆଦାନପ୍ରଦାନ ବ୍ୟବସ୍ଥାକୁ ବିକଶିତ କରିବା ଲାଗି ଉଭୟ ଦେଶ ସମ୍ମତି ପ୍ରଦାନ କରିଛନ୍ତି । ଉଭୟ ନେତା ଆଜି ଦ୍ୱିପକ୍ଷିୟ ସମ୍ପର୍କର ସମୀକ୍ଷା କରିବା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି –

**V/O-PM-MODI-CYPRUS-ON-VIKSIT-BHARAT-PM-MODI-CYPRUS-ON-CROSS-BORDER-TERRORISM**

# ପିଏମ୍ କାନାଡ଼ା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାଇପ୍ରସର ସଫଳ ଗସ୍ତ ଶେଷ କରି ଜି-ସେଭେନ୍ ସମ୍ମିଳନୀରେ ଯୋଗ ଦେବା ଲାଗି କାନାଡ଼ା ଅଭିମୁଖେ ଯାତ୍ରା କରିଛନ୍ତି ।  କାନାଡ଼ା ପ୍ରଧାନମନ୍ତ୍ରୀ ମାକ୍ କାର୍ଣ୍ଣେଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ସମ୍ମିଳନୀରେ ଯୋଗଦେବେ । ଏହାଛଡ଼ା ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ, ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରିବେ । ଏହାକୁ ମିଶାଇ ପ୍ରଧାନମନ୍ତ୍ରୀ କ୍ରମାଗତ ଷଷ୍ଠ ଥର ଲାଗି ଜି-ସେଭେନ୍ ସମ୍ମିଳନୀରେ ଯୋଗ ଦେଉଛନ୍ତି । ବିଶ୍ୱ ଅର୍ଥନୈତିକ ତଥା ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଜର୍ମାନୀ, ଜାପାନ, ଇଟାଲୀ, କାନାଡ଼ା ଓ ୟୁରୋପୀୟ ସଂଘକୁ ନେଇ ଗଠିତ ଜି-ସେଭେନ୍ ମଞ୍ଚର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ । ଗତ କିଛି ବର୍ଷ ଧରି ଭାରତକୁ ଏହି ସମ୍ମିଳନୀରେ ଯୋଗଦେବା ଲାଗି ନିୟମିତ ଭାବେ ନିମନ୍ତ୍ରଣ କରାଯାଇ ଆସୁଛି ।

# ଏଚ୍ଏମ୍-କନ୍ଫରେନ୍ସ

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଭାରତ ବିଶ୍ୱର ନେତୃତ୍ୱ ନେବା ଦିଗରେ ଅଗ୍ରସର ହେଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମତବ୍ୟକ୍ତ

କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ରିଲିଫ୍ କମିଶନ୍‌ର ଏବଂ ବିପର୍ଯ୍ୟୟ ପ୍ରସମନ ବାହିନୀର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଏହି ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ବିପର୍ଯ୍ୟୟ ସମ୍ପର୍କିତ ପ୍ରାକ୍ ସତର୍କ ସୂଚନା ବିକଶିତ କରିବା ଦିଗରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହାଦ୍ୱାରା ଜନସାଧାରଣଙ୍କୁ ଠିକ୍ ସମୟରେ ସଚେତନ କରାଯିବା ସହିତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ମଧ୍ୟ ସଫଳତାର ସହ ସମ୍ପନ୍ନ କରାଯାଇପାରୁଛି । ଯେତେବେଳେ ବି ଭାରତର ବିପର୍ଯ୍ୟୟ ପ୍ରସମନ ଇତିହାସ ଲେଖାଯିବ ସେଥିରେ ମୋଦୀ ସରକାରଙ୍କ ଏହି ୧୦ବର୍ଷକୁ ଏକ ରୂପାନ୍ତରିକରଣ ଦଶନ୍ଧି ଭାବେ ଅଭିହିତ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି, ବିପର୍ଯ୍ୟୟ ସମୟରେ ଶୂନ୍ୟ ଜୀବନହାନୀକୁ ସୁନିଶ୍ଚିତ କରିବା ଉପରେ ଭାରତ ପ୍ରାଥମିକତା ଦେଇ ସର୍ବଦା କାର୍ଯ୍ୟ କରିଥାଏ ।

ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ଜାତୀୟ ବିପର୍ଯ୍ୟୟ ପ୍ରସମନ ବାହିନୀ ତଥା ରାଜ୍ୟ ବିପର୍ଯ୍ୟୟ ପ୍ରସମନ ବାହିନୀର ସଫଳ କାର୍ଯ୍ୟ ଯୋଗୁଁ ଏହି କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

**V/O- SHAH-GLOBAL-LEADER**

# ଜନଗଣନା

ଦେଶରେ ପରବର୍ତ୍ତୀ ଜନଗଣନା ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତଥର ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏହି ବିଜ୍ଞପ୍ତି ସମ୍ପର୍କରେ ଏକ ରିପୋର୍ଟ୍ –

# ହୋମ୍ ସେକ୍ରେଟେରୀ-କମିଟି ମିଟିଂ

ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ କରିବା ଲାଗି କେନ୍ଦ୍ର ସରକାର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଗଠନ କରିଥିବା ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କମିଟିରେ  କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଚିବ, ଗୃହ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପ୍ରସମନ ପ୍ରାଧିକରଣ, ଅହମ୍ମଦାବାଦର ପୁଲିସ୍ କମିଶନର, ଭାରତ ବିମାନ ବାହିନୀର ନିରିକ୍ଷଣ ଏବଂ ସୁରକ୍ଷା ମହାନିର୍ଦ୍ଦେଶକ, ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋର ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଆଜି ଏହି ବୈଠକରେ ଯୋଗଦେଇଥିଲେ । ଏଭଳି ଦୁର୍ଘଟଣାକୁ ଭବିଷ୍ୟତରେ ରୋକିବା ଲାଗି ଷ୍ଟାଣ୍ଡାର୍ଡ୍ ଅପରେଟିଂ ପ୍ରୋସିଡିଓର୍ ପ୍ରଣୟନ କରିବା ଉପରେ ଗୁରୁତ୍ୱ ଦେବା

ସହ ତଦନ୍ତ ରିପୋର୍ଟ ତିନି ମାସ ମଧ୍ୟରେ ଦାଖଲ କରିବା ଲାଗି କମିଟିକୁ କୁହାଯାଇଛି । ଏହାଛଡ଼ା ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ମଧ୍ୟ ଏହି ଘଟଣାର ତଦନ୍ତ କରୁଛି । ଏଠାରେ ସୂଚନା ଦିଆଯାଇପାରେ ଗତ ସପ୍ତାହରେ ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର୍ ଇଣ୍ଡିଆର ବୋଇଂ ଡ୍ରିମ୍‌ଲାଇନର୍ ବିମାନଟି ଟେକ୍ ଅଫ୍ କରିବା ପରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଏଥିରେ ୨୪୨ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ମାତ୍ର ଜଣେ ଯାତ୍ରୀ ଜୀବିତ ରହିଥିଲେ ।

## ପ୍ଲେନ୍ କ୍ରାସ୍-ଡିଏନ୍‌ଏ ମ୍ୟାଚ୍

ଅନ୍ୟ ପକ୍ଷରେ ଡି.ଏନ୍.ଏ. ସାମ୍ପୁଲ୍ ପରୀକ୍ଷା ମାଧ୍ୟମରେ ଏହି ବିମାନ ଦୁର୍ଘଟଣାରେ ମୃତକଙ୍କ ମଧ୍ୟରୁ ୯୯ଜଣଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ସାରିଛି । ବାକି ଡି.ଏନ୍.ଏ. ସାମ୍ପୁଲ୍ ପରୀକ୍ଷଣ ଦିନେ ଦୁଇ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ । ସେହିଭଳି ୬୪ ଜଣଙ୍କର ପାର୍ଥିବ ଶରୀରକୁ ସେମାନଙ୍କ ଆତ୍ମୀୟ ସ୍ୱଜନ୍ୟଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲ୍‌ର ଅଧିକ୍ଷକ ଡକ୍ଟର ରାକେଶ ଯୋଶୀ ସୂଚନା ଦେଇଛନ୍ତି ।

ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ତଥା ୨୦୧୬ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ବିଜୟ ରୁପାଣିଙ୍କର ଶେଷ କୃତ୍ୟ ଆଜି ସନ୍ଧ୍ୟାରେ ରାଜକୋଟ୍ ଠାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ କରାଯାଉଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରଚାର କରାଯିବ । ଆଜିର ବିଷୟବସ୍ତୁ ରହିଛି – **ସାଇବର ଠକେଇ - ଅନ୍‌ଲାଇନ୍‌ରେ କିପରି ସୁରକ୍ଷିତ ରହିବେ ।** ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ନିର୍ଦ୍ଦେଶକ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ବାଦଲ କୌଶିକ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ଗୁଲସନ ରାଇ ଏହି ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କ ପ୍ରଶ୍ନର ଉତ୍ତର ଦେବେ । ଏଥିପାଇଁ ଶ୍ରୋତାମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## କ୍ରିକେଟ୍ ୱାର୍ଲ୍ଡକପ୍

ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ସେପ୍ଟେମ୍ବର ୩୦ ତାରିଖରୁ ଆରମ୍ଭ ହେବ ବୋଲି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ – ଆଇ.ସି.ସି. ଘୋଷଣା କରିଛି । ମିଳିଥିବା ସୂଚନା ଅନୁଯାୟୀ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ

ଆୟୋଜନ କରିବା ଲାଗି ଭାରତକୁ ବିଧିବଦ୍ଧ ଭାବେ ଅନୁମତି ମିଳିଛି । ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ପାକିସ୍ତାନର ସମସ୍ତ ମ୍ୟାଚ୍ ଗୁଡ଼ିକୁ ଶ୍ରୀଲଙ୍କାରେ ଖେଳାଯିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏହାକୁ ମିଶାଇ ଭାରତ ଚତୁର୍ଥଥର ଏବଂ ୨୦୧୩ ପରେ ପ୍ରଥମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛି । ସେପ୍ଟେମ୍ବର ୩୦ରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଏହାର ଅଭିଯାନ ଆରମ୍ଭ କରିବ । ସେହିପରି ଏହାର ଚିରପ୍ରତିଦ୍ୱନ୍ଦ୍ୱି ପାକିସ୍ତାନକୁ ଭାରତ  ଅକ୍ଟୋବର ୫ ତାରିଖ ଦିନ କଲମ୍ବୋର ଆର୍. ପେମଦାସା ଷ୍ଟାଡିୟମ୍‌ରେ ଭେଟିବ ବୋଲି ଜଣାଯାଇଛି । ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନକୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ହେବ ।